ଖ୍ରୀଷ୍ଟିୟାନ୍ ମେଡିକାଲ୍ ଏସୋସିଏସନ୍ ଅଫ୍ ଇଣ୍ଡିଆ



# ଜୀବନରେ ପରିବର୍ତ୍ତନ

ବାଇବଲ ଅଧ୍ୟୟନ

ସୁସ୍ଥକାରୀ ସେବା ସପ୍ତାହ ୨୦୧୨

ସୁସ୍ଥକାରୀ ସେବା ରବିବାର - ଫେବୃଆରୀ ୧୨, ୨୦୧୨
ସୁସ୍ଥକାରୀ ସେବା ସପ୍ତାହ - ଫେବୃଆରୀ ୬ - ୧୨, ୨୦୧୨
ସି.ଏମ.ଏ.ଆଇ ପ୍ରାର୍ଥନା ଦିବସ - ଫେବୃଆରୀ ୮, ୨୦୧୨

ଖ୍ରୀଷ୍ଟିୟାନ୍ ମେଡିକାଲ୍ ଏସୋସିଏସନ୍ ଅଫ୍ ଇଣ୍ଡିଆ
ପ୍ଲଟ୍ ନଂ - ୨, ଲୋକାଲ୍ ସପିଙ୍ଗ୍ ସେଣ୍ଟର, ଜନକପୁରୀ, ନୂଆ ଦିଲ୍ଲୀ - ୧୧୦ ୦୫୮
**Email: cmai@cmai.org**



## ପରିବର୍ତ୍ତନ କ'ଣ?

"' ତୁମ୍ଭେମାନେ ଏହି ବର୍ତ୍ତମାନ ଯୁଗର ଅନୁରୂପୀ ହୁଅ ନାହିଁ, କିନ୍ତୁ ଯେପରି ତୁମ୍ଭେମାନେ ଈଶ୍ୱରଙ୍କ ଇଚ୍ଛା କଅଣ, ଅର୍ଥାତ୍ ଉତ୍ତମ, ସୁଗ୍ରାହ୍ୟ ଓ ସିଦ୍ଧ ବିଷୟ କଅଣ, ଏହା ପରୀକ୍ଷା କରି ଜାଣି ପାର।"

ରୋମୀୟ୍ ୧୨:୨

ବାଇବେଲ ଅନୁଯାୟୀ ପରିବର୍ତ୍ତନ କ'ଣ ଜାଣିବା ପୂର୍ବରୁ କ'ଣ ପରିବର୍ତ୍ତନ ନୁହେଁ, ତାହା ବୁଝିବା ଆବଶ୍ୟକ। ବଦଳିବା ଯଦ୍ୟପି ପରିବର୍ତ୍ତନର ଗୋଟିଏ ଅଂଶ, ଏହା ପ୍ରକୃତ ପରିବର୍ତ୍ତନ ନୁହେଁ। ଚତୁଃପାର୍ଶ୍ୱର ପରିସ୍ଥିତିରେ ଢ଼ଳି ପୋଷାକ ଓ ନାମ ବଦଳିବା ଇତ୍ୟାଦି ମନୁଷ୍ୟର ପ୍ରକୃତି। ଯେଉଁ ପରିବର୍ତ୍ତନ ବାଇବେଲ ଅନୁସାରେ ନୁହେଁ ତାହା କେବଳ ଜଗତର ଅନୁରୂପୀ ହେବାକୁ ବୁଝାଏ।

ପରିବର୍ତ୍ତନ ରୂପାନ୍ତିକରଣ ନୁହେଁ; ଯେଉଁଠାରେ ରୂପ ବଦଳେ କିନ୍ତୁ ଅନ୍ତଃକରଣ ବଦଳେ ନାହିଁ। ଉଦାହରଣ ସ୍ୱରୂପ, ପଦ, ସାମାଜିକ ପ୍ରତିଷ୍ଠା, ଅଭିନୟ ଇତ୍ୟାଦି ବଦଳିବା ମଧ୍ୟ ପରିବର୍ତ୍ତନର ଫଳ ହୋଇପାରେ।

ପ୍ରକୃତ ପରିବର୍ତ୍ତନ ହେଉଛି ଜଣେ ବ୍ୟକ୍ତିର ଅନ୍ତଃକରଣ କିମ୍ବା ମନର ପରିବର୍ତ୍ତନ। ସମସ୍ତ ପ୍ରକାର ଭାବନା, ଚିନ୍ତା ଏବଂ ଚରିତ୍ରର ଉପବେଶନ ସ୍ଥଳ ମନ ଅଟେ ଏବଂ ଏହା ଶାରୀରିକ କ୍ରିୟା ଦ୍ୱାରା ପ୍ରକାଶିତ ହୋଇଥାଏ। ପାଉଲ କହନ୍ତି "ଏହାହିଁ ହେଉଛି ପରିବର୍ତ୍ତନର ପ୍ରମାଣ"। ଗୋଟିଏ ନୂତନୀକୃତ କିମ୍ବା ପରିବର୍ତ୍ତିତ ମନ ଶରୀରକୁ ପ୍ରଭାବିତ କରିବ। ଈଶ୍ୱରଙ୍କ ଇଚ୍ଛାନୁସାରେ ଏବଂ ଅନ୍ୟମାନଙ୍କ ସହିତ ଏକ ଗ୍ରହଣ ଯୋଗ୍ୟ ଏବଂ ଆଦର୍ଶ ସମ୍ପର୍କ ରଖିବା ଦ୍ୱାରା ମନ ନୂତନୀକୃତ ହୋଇପାରେ। ଈଶ୍ୱରଙ୍କ ଇଚ୍ଛା ହେଉଛି ପରିବର୍ତ୍ତନର ମାପଦଣ୍ଡ ଏବଂ ମାନବିକ ସମ୍ପର୍କ ଏହାର ପରିଣାମ। ଏହି ସମ୍ପର୍କର ବିବରଣୀ ରୋମୀୟ୍ ପୁସ୍ତକ ୧୨:୩ ପଦର ପରବର୍ତ୍ତି ଅଂଶ ଗୁଡ଼ିକରେ ବର୍ଣ୍ଣିତ ହୋଇଅଛି। ଗୁରୁତର ସିଦ୍ଧାନ୍ତମୂଳକ ଗୁଣଗୁଡ଼ିକ ହେଉଛି ଅନ୍ୟକୁ ନିଜଠାରୁ ଉଚ୍ଚ ମନେକରିବା, ଅନ୍ୟମାନଙ୍କର ଦାନକୁ ଗ୍ରହଣ କରିବା ଓ ପ୍ରଶଂସା କରିବା, ଉତ୍ତମ ବିଷୟକୁ ଭଲ ପାଇବା ଓ ମନ୍ଦ ବିଷୟକୁ ଘୃଣା କରିବା, ପ୍ରଭୁଙ୍କୁ ଗୌରବ ଦେବା ଏବଂ ପ୍ରାର୍ଥନା ଦ୍ୱାରା ତାହାଙ୍କଠାରେ ନିର୍ଭରଶୀଳ ହୋଇ ରହିବା।

ରୋମୀୟ୍ ୧୨:୨(କ) ରେ ବର୍ଣ୍ଣନା କରାଯାଇଛି ଯେ ପରିବର୍ତ୍ତନ ହେଉଛି ସତ୍ୟ ଉପାସନାର ପରିଣାମ। ଯାହା ଈଶ୍ୱରଙ୍କ ନିକଟରେ ପବିତ୍ର ଓ ଗ୍ରହଣ ଯୋଗ୍ୟ ଅଟେ, ତାହା ହେଉଛି ଜୀବନ୍ତ ବଳିଦାନର ଉତ୍ସର୍ଗ। ଯେତେ ପର୍ଯ୍ୟନ୍ତ ଶରୀର ପାପର ଅଧୀନରେ ଅଛି ତାହା ମୃତ ଅଟେ। ଶରୀର ପାପ ପ୍ରତି ମୃତ ହେବା ଏବଂ ଜୀବନ୍ତ ବଳିଦାନ ସ୍ୱରୂପେ ଉତ୍ସର୍ଗୀକୃତ ହେବା ଆବଶ୍ୟକ। କେବଳ ଏକ ଜୀବନ୍ତ ଶରୀର ହିଁ ପବିତ୍ର ଉପାସନା ଉତ୍ସର୍ଗ କରିପାରେ। ଏକ ବସ୍ତୁ ପବିତ୍ର ହୁଏ ଯେତେବେଳେ ଏହା ଈଶ୍ୱରଙ୍କ ନିମନ୍ତେ ପୃଥକୀକୃତ କରାଯାଏ। କେହି ମଧ୍ୟ ନିଜର ଉତ୍ତମ ଗୁଣ ଦ୍ୱାରା ଈଶ୍ୱରଙ୍କୁ ସନ୍ତୁଷ୍ଟ କରିନପାରେ ବରଂ କେବଳ ଈଶ୍ୱରଙ୍କ ଆଜ୍ଞା ପାଳନ କରିବା ଦ୍ୱାରା ହିଁ କରିପାରେ। ଯେତେବେଳେ ପ୍ରକୃତ ଉପାସନା ହୁଏ, ଏହାର ଫଳସ୍ୱରୂପେ ପ୍ରକୃତ ପରିବର୍ତ୍ତନ ଘଟେ।

**ଆଲୋଚନା ନିମନ୍ତେ ପ୍ରଶ୍ନ:**

ଈଶ୍ୱରଙ୍କ ଇଚ୍ଛାକୃତ ପରିବର୍ତ୍ତନରେ ମୋ ପ୍ରତି କେଉଁ ସବୁ ବିଷୟ ବାଧାଜନକ ହେଉଅଛି?

**ପ୍ରାର୍ଥନା:**

ପ୍ରଭୁ, ମୋତେ ମୋର ଦୈନନ୍ଦିନ ଜୀବନରେ କେବଳ ବଦଳିବା ନୁହଁ ବରଂ ପରିବର୍ତ୍ତନ ଆଡ଼କୁ କଢ଼ାଇ ନିଅ। ଆମେନ୍।

୨ୟଦିନ , ମଙ୍ଗଳବାର — ମାଥିଉ ୨୫: ୩୧-୪୬

## ଆଜିର ସ୍ୱାସ୍ଥ୍ୟ କାର୍ଯ୍ୟରେ ମୂଲ୍ୟର ପରିବର୍ତ୍ତନ

ମନୁଷ୍ୟପୁତ୍ର ଯେତେବେଳେ ସମସ୍ତ ଦୂତଙ୍କ ସହିତ ସ୍ୱମହିମାରେ ଆଗମନ କରିବେ, ସେତେବେଳେ ସେ ଆପଣା ଗୌରବମୟ ସିଂହାସନରେ ଉପବେଶନ କରିବେ। ପୁଣି ତାହାଙ୍କ ଛାମୁରେ ସମସ୍ତ ଜାତି ଏକତ୍ର କରାଯିବେ, ଆଉ ମେଷପାଳକ ଯେପରି ଛାଗଠାରୁ ମେଷ ପୃଥକ କରେ, ସେହିପରି ସେ ସେମାନଙ୍କୁ ପରସ୍ପରଠାରୁ ପୃଥକ କରିବେ। ସେ ମେଷମାନଙ୍କୁ ଆପଣା ଦକ୍ଷିଣପାର୍ଶ୍ୱରେ ଓ ଛାଗମାନଙ୍କୁ ବାମ ପାର୍ଶ୍ୱରେ ରଖିବେ।

ମାଥିଉ ୨୫ : ୩୧-୪୬

ବାଇବେଲ କହେ ଯେ, ଇଶ୍ୱର ଆପଣା ପ୍ରତିମୂର୍ତ୍ତୀରେ ମନୁଷ୍ୟକୁ ସୃଷ୍ଟି କଲେ।ଇଶ୍ୱର ସୃଷ୍ଟିକର୍ତ୍ତା ଅଟନ୍ତି।ସୃଷ୍ଟି ହେଉଛି ତାଙ୍କ ବାହୂଲ୍ୟ ପ୍ରେମର ପରିପ୍ରକାଶ।ସେ ପ୍ରେମମୟ ଓ ସେ ପ୍ରେମ କରିବାକୁ ଚାହାଁନ୍ତି। ଯତ୍ନ ନେବା ହେଉଛି ପ୍ରେମର ଏକ ପରିପ୍ରକାଶ। କାରଣ ଇଶ୍ୱର ଯତ୍ନଶୀଳ ହୋଇ ଅମ୍ଭମାନଙ୍କର ଉଦ୍ଧାର ନିମନ୍ତେ ମୃତ୍ୟୁଭୋଗ କରିବାକୁ ଆପଣା ପୁତ୍ରକୁ ପ୍ରେରଣ କଲେ। ମାଥିଉଙ୍କ ଲିଖିତ ସୁସମାଚାରର ଏହି ଅଂଶରେ, ତାହାଙ୍କ ରାଜ୍ୟର ମୂଲ୍ୟ ସମ୍ପର୍କରେ ପ୍ରଭୁ ଯୀଶୁଖ୍ରୀଷ୍ଟ ଏକ ନିଃସନ୍ଦେହଜନକ ସିଦ୍ଧାନ୍ତ ଦେଇଥିଲେ- ତାହା ହେଉଛି ଆମେ ଆମ ପୋଡୋଶୀକୁ ପ୍ରେମ କରିବା ଓ ଯତ୍ନନେବା ନିମନ୍ତେ ଆହୂତ।

ଅନ୍ୟମାନଙ୍କ ଯତ୍ନନେବା ନିମନ୍ତେ ସ୍ୱାସ୍ଥ୍ୟ ସେବା ବୃତ୍ତି ଆମ୍ଭମାନଙ୍କୁ ସମ୍ପୁର୍ଣ୍ଣ ସୁଯୋଗ ଦିଏ। ମାନବ ଜୀବନର ଇତିହାସରେ, ମଣିଷ ଜୀବନର ପ୍ରକୃତ ମୂଲ୍ୟ ପାଶ୍ଚତ୍ୟ ସଂସ୍କୃତି ରେ ହ୍ରାସ ପାଇଛି। ଆମ ସଂସ୍କୃତିରେ ମଧ୍ୟ କ୍ରମବର୍ଦ୍ଧିଷ୍ଣୁ ବସ୍ତୁବାଦ ସହିତ ବ୍ୟକ୍ତିର ମୂଲ୍ୟକୁ ଭୁଲିଯାଉଛୁ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଆଜିକାଲି ବହୁ ବ୍ୟକ୍ତି ଅର୍ଥ, ପଦବୀ,କ୍ଷମତା ଓ ବ୍ୟକ୍ତିଗତ ଲାଭପ୍ରତି ଆସକ୍ତ। ବେଳେବେଳେ ରୋଗୀର ଯନ୍ତ୍ରଣା ଦ୍ୱାରା ଆମ୍ଭେ ରୋଜଗାର ସୁବିଧା ଏବଂ ଆର୍ଥିକ ଲାଭ ପାଉଛୁ। ଲାଞ୍ଚ ଏବଂ "କମିଶନ୍" ର ଆଦାନ ପ୍ରଦାନ ଦ୍ୱାରା ସ୍ୱାସ୍ଥ୍ୟ ସେବାର ନୈତିକ ମୂଲ୍ୟ ସମ୍ପୁର୍ଣ୍ଣରୂପେ ହ୍ରାସ ପାଇଛି।

ଆମେ ଏହି ଧାରାକୁ କିପରି ପରିବର୍ତ୍ତନ କରିପାରିବା? ଆମେ ଏହି ପାରମ୍ପରିକ ବ୍ୟବସ୍ଥାକୁ ଭାଙ୍ଗିପାରିବା କି? ଆମେ ଯଦି ଇଶ୍ୱରଙ୍କ ବାକ୍ୟ ଓ ଆଜ୍ଞାସବୁ ଅନୁସରଣ କରିପାରିବା ତାହାହେଲେ ହିଁ ଏହା ସମ୍ଭବ। ଯୀଶୁଙ୍କ ସେବା ଓ ଲୋକଙ୍କ ପ୍ରତି ତ୍ୟାଗ ବିଷୟରେ ଭାବିଲେ ତାଙ୍କର ଯତ୍ନ ଓ କରୁଣା ଦେଖିପାରୁ। ଯଦି ଆମେ ପ୍ରକୃତରେ ତାହାଙ୍କର ଶିଷ୍ୟ, ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆମେ ଏକ ଉଚ୍ଚତର ନୈତିକ ମୂଲ୍ୟକୁ ଅଭ୍ୟାସ କରିବା ଉଚିତ୍ ଏବଂ ସୁସ୍ଥକାରୀ ସେବା ଓ ପ୍ରତ୍ୟେକ କ୍ଷେତ୍ରରେ ଆମେ ଏକ ପ୍ରେମ ଓ ଯତ୍ନମୟ ସଂସ୍କୃତି ସୃଷ୍ଟି କରିବା ଉଚିତ୍।

**ଆଲୋଚନା ନିମନ୍ତେ ପ୍ରଶ୍ନ:**

୧ - ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କେଉଁ ସବୁ ତ୍ରୁଟି ରହିଛି?
୨ - ଆମ ଦେଶରେ ଆମେ ସୁସ୍ଥକାରୀ କାର୍ଯ୍ୟ ଅଧିକ ମାତ୍ରାରେ ଆବଶ୍ୟକ କରୁଥିବା ଲୋକଙ୍କ ପାଖରେ କିପରି ପହଞ୍ଚାଇ ପାରିବା?

**ପ୍ରାର୍ଥନା:**

ହେ କରୁଣାମୟ ଓ ପ୍ରେମିକ ପିତା, ଆମେ ଯେପରି ତୁମର କରୁଣା ଓ ପ୍ରେମ ନିଜର କଥାରେ ଓ କାମରେ ଅନ୍ୟମାନଙ୍କୁ ଦେଖେଇପାରିବୁ ସେଥିପାଇଁ ଆମକୁ ସାହାଯ୍ୟ କର। ଆମେନ୍।

୩ ୟ ଦିନ, ବୁଧବାର — ଯୋହନ ୧:୧-୨ ୧୪;୧୫:୫-୮

## ମିଶନ୍ ହସପିଟାଲ୍ ପରିବର୍ତ୍ତନର ମାଧ୍ୟମ

ମୁଁ ଦ୍ରାକ୍ଷାଲତା, ତୁମ୍ଭେମାନେ ଶାଖା; ---ଆଉ ତୁମ୍ଭେମାନେ ମୋହର ପ୍ରକୃତ ଶିଷ୍ୟ ହେବ। (ଯୋହନ ୧୫:୫-୮)

ଯୀଶୁଙ୍କ ସହିତ ସମ୍ପର୍କ ଦ୍ୱାରା ସମ୍ପୂର୍ଣ୍ଣରୂପେ ଜୀବନ ପରିବର୍ତ୍ତିତ ହୋଇଥିବା ଲୋକଙ୍କ କାହାଣୀରେ ସୁସମାଚାର ପରିପୂର୍ଣ୍ଣ। ମାଥିଉ, ପିତର, ଯଖିୟ ଏବଂ ପାଉଲ ହେଉଛନ୍ତି ସେହି ପରିବର୍ତ୍ତନର ଉଦାହରଣ। ବେଥ୍‌ସଦାର ଜଣେ ଆଶାଶୂନ୍ୟ ପକ୍ଷାଘାତ ରୋଗୀ ଉଠି ଠିଆ ହେଲା ଓ ଚାଲିଲା। ନିରାଶାରେ ଥିବା ପ୍ରଦରରୋଗଗ୍ରସ୍ତା ସ୍ତ୍ରୀ ସୁସ୍ଥତା ପାଇ କୃତଜ୍ଞ ହେଲା। ପାଞ୍ଚ ଜଣ ସ୍ୱାମୀ ଥିବା ଜଣେ ସମୀରୋଣୀୟ ସ୍ତ୍ରୀର ଯୀଶୁଙ୍କ ସହିତ କଥୋପକଥନ ତାହାର ଏବଂ ତାହାର ପରିଜନଙ୍କ ଜୀବନ ପରିବର୍ତ୍ତିତ କରିଥିଲା। ଜଣେ ଅନ୍ଧ ଭିକ୍ଷୁକ ଦୃଷ୍ଟିପ୍ରାପ୍ତିର ସାକ୍ଷୀ ହୋଇଥିଲା।

**ଯୀଶୁ ଜୀବନ ପରିବର୍ତ୍ତନ କରନ୍ତି**

ସେହି ଦେହବନ୍ତ ବାକ୍ୟକୁ ଦର୍ଶନକ୍ଷମ ଓ ସୁସ୍ପଷ୍ଟ ରୁପେ ଇଶ୍ୱର ରାଜ୍ୟର ଚିହ୍ନ ସ୍ୱରୂପେ ପରିପ୍ରକାଶ କରିବା ନିମନ୍ତେ ସମସ୍ତ ମିଶନ୍ ହସପିଟାଲ୍ ଆହ୍ୱାନ ପ୍ରାପ୍ତ। ଲୋକ ଆମ୍ଭମାନଙ୍କ ନିକଟକୁ ବେଦନାଗ୍ରସ୍ତ ଓ ଭଗ୍ନ ଅବସ୍ଥାରେ, କଷ୍ଟ ଓ ଭୟଭୀତ ହୋଇ ଆସନ୍ତି। ଇଶ୍ୱର ସେମାନଙ୍କ ବେଦନାର ସହଭାଗୀ ହେବା ନିମନ୍ତେ, ସେମାନଙ୍କ ବୋଝକୁ କମାଇବା ନିମନ୍ତେ ସାହାଯ୍ୟ କରିବାକୁ, ସୁସ୍ଥ ଓ ଉତ୍ତମ ଲୋକ ଭାବରେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କରିବାକୁ ଦେବା ନିମନ୍ତେ ଆମ୍ଭମାନଙ୍କୁ ଆହ୍ୱାନ କରନ୍ତି। ଅନ୍ତନଳୀରେ ପ୍ରତିବନ୍ଧକ ଜନୀତ ପୀଡ଼ାରେ ଥିବା ରୋଗୀ ଯେପରି ଘରକୁ ଯାଇ ସାଧାରଣ ଭାବରେ ଖାଦ୍ୟ ପେୟ ସେବନ କରିବାରେ ସକ୍ଷମ ହୋଇ ପାରେ, ମ୍ୟାଲେରିଆରେ ପୀଡ଼ିତ ପିଲା ଜ୍ୱରକୁ ପଛରେ ପକାଇ ସୁସ୍ଥ ହୋଇ ସ୍କୁଲ୍ କୁ ଯାଏ। ଏହାହିଁ କାର୍ଯ୍ୟରୁପରେ ସୁସମାଚାର । ସମସ୍ତ ହସ୍‌ପିଟାଲ୍ ଚିକିତ୍ସା କାର୍ଯ୍ୟ କରନ୍ତି, କିନ୍ତୁ ମିଶନ୍ ହସପିଟାଲ୍ ପାଇଁ ଏହା କେବଳ ବିଜ୍ଞାନର କୌଶଳ କଥା ନୁହେଁ କିମ୍ବା ବ୍ୟବସାୟର ବିଷୟ ନୁହେଁ, ଏହା ଆମର ଉପାସନା ଓ ବୃତ୍ତି, ଇଶ୍ୱରଙ୍କ ପ୍ରେମର ପରିପ୍ରକାଶ ନିମନ୍ତେ ଆମ୍ଭମାନଙ୍କର ଆହ୍ୱାନ ଅଟେ।

କେବଳ ଯୀଶୁ ହିଁ ପରିବର୍ତ୍ତନ କରନ୍ତି, ଆମେ ନୁହଁ। ଆମ୍ଭେମାନେ ସମସ୍ତେ ତାହାଙ୍କର ହସ୍ତ, ପାଦ, ପ୍ରେମ ସ୍ୱରୂପ ହେବାକୁ ଆହ୍ୱାନ ପ୍ରାପ୍ତ, ଯେପରି କି ଯେଉଁମାନେ ଯତ୍ନ ପାଇବାକୁ ଆମ୍ଭମାନଙ୍କ ପାଖକୁ ଆସନ୍ତି, ଆମ୍ଭମାନଙ୍କର ପ୍ରେମପୂର୍ଣ୍ଣ ଯତ୍ନ ସେମାନଙ୍କୁ ପରିବର୍ତ୍ତନ କରେ। ଯେପରି ଦ୍ରାକ୍ଷାଲତାରେ ଶାଖା, ସେହି ଭଳି ଆମ୍ଭର ସମସ୍ତ ମିଶନ୍ ହସପିଟାଲ୍ ତାହାଙ୍କ ଠାରେ ଲାଗି ରହିବାର ଆବଶ୍ୟକ ରହିଅଛି, ତେବେ କେବଳ ଆମ୍ଭମାନଙ୍କ ଦୈନନ୍ଦିନ ସେବାକାର୍ଯ୍ୟର କଠିନ ପରିସ୍ଥିତି ଓ କାର୍ଯ୍ୟର ଚାପ ମଧ୍ୟରେ ଲୋକେ ଆମ୍ଭମାନଙ୍କ ମଧ୍ୟରେ ଇଶ୍ୱରଙ୍କୁ ଦେଖି ପାରିବେ। ଏହାର ଅର୍ଥ ନୁହେଁ ଯେ ରୋଗୀମାନଙ୍କ ନିକଟରେ ପ୍ରଚାର କରିବା ଆବଶ୍ୟକ। ଯଦି ଲୋକେ ଇଶ୍ୱରଙ୍କ ମହିମା ଦେଖିବାକୁ ଚାହାନ୍ତି, ତେବେ ଆମର ସେବା ଅନୁଷ୍ଠାନରେ ଇଶ୍ୱରଙ୍କ ବାକ୍ୟ ଦେହବନ୍ତ ହୋଇ ବାସ କରିବା ଆବଶ୍ୟକ। ତେବେ ଆମର ମିଶନ୍ ହସପିଟାଲ୍ ସମୁହ ପ୍ରକୃତରେ ଲୋକମାନଙ୍କ ଜୀବନ ପରିବର୍ତ୍ତନର ମାଧ୍ୟମ ହୋଇ ପାରିବ - ଉଭୟ ଆମ୍ଭମାନଙ୍କ କର୍ମଚାରୀ ମାନଙ୍କ ମଧ୍ୟରେ ଏବଂ ଛାତ୍ର ଛାତ୍ରୀ ତଥା ଆମ୍ଭମାନଙ୍କ ନିକଟରେ ଥିବା ସମାଜ ମଧ୍ୟରେ।

**ଆଲୋଚନା ନିମନ୍ତେ ପ୍ରଶ୍ନ:**

ଗାନ୍ଧିଜୀ କହିଥିଲେ ଯେ - 'ତୁମେ ଯେଉଁ ପରିବର୍ତ୍ତନ ଅନ୍ୟ ମାନଙ୍କଠାରେ ଦେଖିବାକୁ ଚାହୁଁଛ, ତୁମେ ପ୍ରଥମେ ସେପରି ପରିବର୍ତ୍ତନ ହେବା ଆବଶ୍ୟକ'। ଏହାର ଅର୍ଥ ଆମ ମଣ୍ଡଳୀ ତଥା ଅନୁଷ୍ଠାନ ନିମନ୍ତେ କ'ଣ ଅର୍ଥ ହୋଇପାରେ?

**ପ୍ରାର୍ଥନା:** ହେ, ଇଶ୍ୱର, ତୁମେ ଆମକୁ ପରିବର୍ତ୍ତନ କର ବୋଲି ତୁମକୁ ସମ୍ମତି ଦେଇ ପାରିବୁ, ଏଥିପାଇଁ ପ୍ରାର୍ଥନା କରୁଛୁ, ଯେପରି ଆମ ମଣ୍ଡଳୀ, ସ୍କୁଲ୍ ଏବଂ ସେବା ଅନୁଷ୍ଠାନ ସମସ୍ତ ଆମ ଦେଶରେ ତୁମର ପ୍ରେମ ଓ ପରିବର୍ତ୍ତନର ପ୍ରକୃତ ମାଧ୍ୟମ ହୋଇ ପାରିବ। ଆମେନ୍।

୪ର୍ଥ ଦିନ , ଗୁରୁବାର                                                                 ମାର୍କ ୨:୧-୧୨

## ସ୍ୱାସ୍ଥ୍ୟ ଯତ୍ନ ନେବା ନିମନ୍ତେ ସାମାଜିକ ଅବରୋଧକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିବା

"କିନ୍ତୁ ଭିଡ଼ ହେତୁ ତାହାଙ୍କ ପାଖକୁ ଆଣି ନ ପାରିବାରୁ, ସେ ଯେଉଁ ସ୍ଥାନରେ ଥିଲେ, ସେହି ସ୍ଥାନର ଛାତ ଖୋଲିକାଟିପକାଇଲେ, ଆଉ ତାହା ଭାଙ୍ଗି, ଯେଉଁ ଖଟିଆରେ ପକ୍ଷାଘାତି ରୋଗୀଟି ଶୋଇଥିଲା, ତାହା ଓହ୍ଲାଇଦେଲେ।"
(୪ ପଦ)

ମାର୍କ ୨:୧-୧୨

ପକ୍ଷାଘାତି ମଣିଷ ସମାଜରେ ବାସ କରୁଥିବା ବିବିଧ ରୋଗରେ ଆକ୍ରାନ୍ତ ଲୋକମାନଙ୍କର ପ୍ରତିନିଧି ସ୍ୱରୂପ ଏବଂ ଯେଉଁମାନେ ଶାରୀରିକ, ମାନସିକ ଏବଂ ସାମାଜିକ ଅକ୍ଷମତା ଯୋଗୁଁ ଅସ୍ତିତ୍ୱ ପାଇଁ ଅନ୍ୟ ଉପରେ ଆଶ୍ରିତ ହେବା ପାଇଁ ବାଧ୍ୟ ହୁଅନ୍ତି। ଯୀଶୁ ସେବା କରୁଥିବା ସମୟରେ ଅନେକ ଲୋକମାନେ ସାମାଜିକ, ଆର୍ଥିକ ଏବଂ ସାଂସ୍କୃତିକ ଅବରୋଧର ସାମନା କରୁଥିଲେ ଯାହା ସୁସ୍ଥତାର ସାନ୍ନିଧ୍ୟରୁ ବଞ୍ଚିତ କରୁଥିଲା। ସ୍ୱାସ୍ଥ୍ୟର ସାନ୍ନିଧ୍ୟତା ଲାଭ କରିବା ନିମନ୍ତେ ଆମ ନିଜ ସମାଜରେ ଅତୀତ ଏବଂ ବର୍ତ୍ତମାନରେ ଥିବା ସାମାଜିକ-ଆର୍ଥିକ ଅବରୋଧରେ କିଛି ଭିନ୍ନତା ନାହିଁ। ଏହିସବୁ ଅବରୋଧକୁ ସହଜଲଭ୍ୟତା, ସାନ୍ନିଧ୍ୟତା ଏବଂ ସକ୍ଷମତାରେ ବିଭକ୍ତ କରାଯାଇପାରେ।

ଚାରି ବଂଧୁଙ୍କର ପ୍ରତ୍ୟୁତ୍ତର, ସାମାଜିକ ଅବରୋଧ ଉପରେ ଜୟଲାଭ କରି ପରିବର୍ତ୍ତନ ଆଣିବାର ଆଦର୍ଶ ଅଟେ।

୧-ସେମାନେ ତାଙ୍କ ବଂଧୁ ପ୍ରତି ଚିନ୍ତିତ ଥିଲେ, ଯେ ନିଜକୁ ସାହାଯ୍ୟ କରିବାକୁ ସକ୍ଷମ ନ ଥିଲା।

୨- ଯୀଶୁଙ୍କର ସୁସ୍ଥକାରୀ ଶକ୍ତି ସହିତ, ସେମାନେ ସେମାନଙ୍କର ଜ୍ଞାନକୁ ତାଙ୍କର ବଂଧୁର ଆବଶ୍ୟକତା ସହିତ ସଂଯୋଗ କଲେ।

୩- ଯେଉଁଠାରେ ସୁସ୍ଥତା ହୋଇପାରିବ, ସେଠାରେ ସେମାନେ ତାଙ୍କର ବଂଧୁକୁ ନେବା ପାଇଁ ବ୍ୟକ୍ତିଗତ ପଦକ୍ଷେପ ନେଲେ।

୪- ଜନସମାଗମ ମଧ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବା ସମୟରେ, ସୃଜନଶୀଳ ଚିନ୍ତାରଖି ବ୍ୟକ୍ତିଗତ କ୍ଷତି ସହ୍ୟ କରି ସେମାନେ ଭାର ବହନ କରୁଛନ୍ତି।

୫ - ଯୀଶୁ ସେମାନଙ୍କର ବିଶ୍ୱାସ ଦେଖିଲେ।ଏଠାରେ ପକ୍ଷାଘାତି ରୋଗୀର ବିଶ୍ୱାସ ଉଲ୍ଲେଖ ନାହିଁ। ଈଶ୍ୱରଙ୍କଠାରେ ଆମର ବିଶ୍ୱାସ ଏବଂ ଆରୋଗ୍ୟତାର ଉଦଗମ ସ୍ଥାନରେ ପିଡ଼ିତଙ୍କୁ ଆଣିବାର ଚେଷ୍ଟା ସମ୍ପୂର୍ଣ୍ଣ ଉଦ୍ଧାର ଏବଂ ପରିବର୍ତ୍ତନ ଆଣିପାରେ।

୬ - ଚାରି ବଂଧୁ ହେଉଛନ୍ତି ଏକ ପରିବର୍ତ୍ତିତ ସମ୍ପ୍ରଦାୟର ଛବି। ସେମାନେ ପ୍ରେମ, ଯତ୍ନ, ଦୟାରେ ବିଗଳିତ ଏବଂ ଅନ୍ୟ ଅସୁସ୍ଥ ମଣିଷର ଆବଶ୍ୟକତା ପ୍ରତି ସମ୍ବେଦନଶୀଳ ହୋଇ ପଦକ୍ଷେପ ନେବାର ଅଭିବ୍ୟକ୍ତି। ଏହା ଖ୍ରୀଷ୍ଟଙ୍କର ମଣ୍ଡଳୀ ପ୍ରତି ଆହ୍ୱାନ।

୭ - ଯେବେ ଖ୍ରୀଷ୍ଟଙ୍କର ଅନୁଗାମୀମାନେ ବାସ୍ତବ ପଡ଼ୋଶୀ ହୋଇ ଆବଶ୍ୟକତାରେ ଥିବା ଲୋକମାନଙ୍କ ସେବାରେ ସମ୍ପ୍ରଦାୟ ସହ ପ୍ରେମରେ ଜଡ଼ିତ ହୁଅନ୍ତି, ତେବେ ସାମାଜିକ ଅବରୋଧ ଉପରେ ଜୟଲାଭ କରି ମଣ୍ଡଳୀ ସ୍ୱାସ୍ଥ୍ୟର ସାନ୍ନିଧ୍ୟତା ଲାଭ କରିବା ପାଇଁ ଶ୍ରେଷ୍ଠ ଅବଦାନ କରିପାରେ।

**ଆଲୋଚନା ନିମନ୍ତେ ପ୍ରଶ୍ନ :**

୧- ଚାରିଜଣ ବଂଧୁଙ୍କ ମଧ୍ୟରୁ ନିଜକୁ ଜଣଙ୍କ ସ୍ଥାନରେ ରଖନ୍ତୁ ଏବଂ ନିଜ ବଂଧୁକୁ ଛାତରୁ ତଳକୁ ଓହ୍ଲାଇଦେବା ମତପ୍ରତି ଆପଣଙ୍କର ପ୍ରତିକ୍ରିୟା ପ୍ରକାଶ କରନ୍ତୁ। ଅପାରମ୍ପରିକ/ସାହାସିକ ପ୍ରସ୍ତାବ ପ୍ରତି ଆପଣଙ୍କର ପ୍ରତିକ୍ରିୟା କଣ?

୨ - ଚିନ୍ତା କରନ୍ତୁ, ଆମ ଦେଶର ଗରିବ ଲୋକମାନେ ସ୍ୱାସ୍ଥ୍ୟ ସେବାର ସାନ୍ନିଧ୍ୟତା ଲାଭ କରିବାରେ କେଉଁ ସବୁ ସାମାଜିକ ପ୍ରତିବନ୍ଧକର ସମ୍ମୁଖୀନ ହେଉଛନ୍ତି। ସାମାଜିକ ପ୍ରତିବନ୍ଧକ ଉପରେ ଜୟଲାଭ କରିବା ପାଇଁ ଆପଣଙ୍କ ସମ୍ପ୍ରଦାୟରେ ଥିବା ଲୋକମାନଙ୍କ ପ୍ରତି ଆପଣଙ୍କ ମଣ୍ଡଳୀ କି ପଦକ୍ଷେପ ନେଇପାରେ? ଆପଣଙ୍କ ମଣ୍ଡଳୀ/ ଯୁବଗୋଷ୍ଠୀ/ନାରୀ ସଂଗଠନ ନିମନ୍ତେ କିଛି ପଦକ୍ଷେପ ନେବାର ପ୍ରସ୍ତାବ ଦିଅନ୍ତୁ।

**ପ୍ରାର୍ଥନା**

ପ୍ରଭୁ, ଆମେ ସ୍ୱୀକାର କରୁଛୁ ଯେ, ଆମେ ବହୁମାତ୍ରାରେ ଅନ୍ୟମାନଙ୍କ ଆବଶ୍ୟକତା ପ୍ରତି ଉଦାସୀନ ହୋଇ ନିରାଶରେ ଥିବା ଲୋକମାନଙ୍କ ପ୍ରତି ଆପଣଙ୍କର ସୁସ୍ଥକାରୀ ଶକ୍ତି ଏବଂ କ୍ଷମା ଦେବାରେ ପ୍ରତିବନ୍ଧକ ସ୍ୱରୂପ ହୋଇଅଛୁ। ଆମକୁ କ୍ଷମା କରନ୍ତୁ ଏବଂ ଚାରି ବନ୍ଧୁଙ୍କ ପରି ହେବାକୁ ସାହାଯ୍ୟ କରନ୍ତୁ। ଲୋକମାନଙ୍କ ଆବଶ୍ୟକତାରେ ସାହାଯ୍ୟ କରିବା ପାଇଁ ଆମର ମଣ୍ଡଳୀକୁ ଏକ ନିର୍ଭୀକ ସମ୍ପ୍ରଦାୟ କରି କ୍ଷତି ସହ୍ୟ କରିବା ପାଇଁ ସାହାଯ୍ୟ କରନ୍ତୁ। ଆମେନ୍।

୫ମ ଦିନ ଶୁକ୍ରବାର                                                                 ଯୋହନ ୨: ୭

## ପରିବର୍ତ୍ତନ ହେଉଛି କ୍ଷମତାସମ୍ପର୍ଣ୍ଣ

ସେ ତାହାକୁ କହିଲେ "ଯାଅ, ଶିଲୋହ ପୋଖରୀରେ ଧୋଇ ହୁଅ"(ଏହାର ଅର୍ଥ "ପ୍ରେରିତ")।ସେଥିରେ ସେ ବାହାରିଯାଇ ଧୋଇ ହେଲା ଓ ଦୃଷ୍ଟି ପାଇ ଚାଲିଗଲା।

ଯୋହନ ୯:୭

ଜଣେ ବ୍ୟକ୍ତିଙ୍କୁ ମୁଁ ଜାଣିଥିଲି, ସେ ଜଣେ ମଦ୍ୟପୀ ଏବଂ ସେ ନିଜର ଜୀବିକାକୁ ସେଇଥି ପାଇଁ ହରାଇଥିଲେ, ସେ ଜଣେ ଉତ୍ତମ ଖେଳାଳି ମଧ୍ୟଥିଲେ। ଅତି କମ୍ ସମୟରେ ସେ ନିଜର ଜୀବିକାକୁ ହରାଇଥିଲେ ଏବଂ ସେ ଚିନ୍ତା କରିଥିଲେ ଆତ୍ମହତ୍ୟା ପାଇଁ, ରାସ୍ତାରେ ଉଦ୍ଦେଶ୍ୟହୀନ, ଲକ୍ଷ୍ୟହୀନ ହୋଇ ଇତଃସ୍ତତଃରେ ଠିଆ ହୋଇଥିବା ତରୁଣପିଲାମାନଙ୍କ ନିକଟକୁ ସେ ଦୌଡ଼ିଲେ। ଆତ୍ମହତ୍ୟାର ଚରମ ସୀମାରେ ପହଞ୍ଚି, ସେ ଚିନ୍ତା କଲେ ଯଦି ସେହି ତରୁଣମାନେ ଖେଳିବା ପାଇଁ ଇଛା ପ୍ରକାଶ କରନ୍ତି ତାହାହେଲେ ସେ ଖେଳ ଆରମ୍ଭ କରିପାରିବେ।ଖାଲିପଡ଼ିଆକୁ ଭିତ୍ତିକରି ତରୁଣମାନଙ୍କୁ ଏକ ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦିତାମୂଳକ ଫଳପ୍ରଦ ଖେଳରେ ତରୁଣମାନଙ୍କୁ ନିୟୋଜିତ କରି ଏକ ପରିକ୍ଷାମୂଳକ ପ୍ରୋୟଗ ଆରମ୍ଭ କଲେ ଯାହାକି ତାହାଙ୍କୁ ପରିବର୍ତ୍ତନ କରିଥିଲା ଏବଂ ସେହି ସମୟଠାରୁ ଅଗଣିତ ତରୁଣମାନଙ୍କର ଜୀବନକୁ ପରିବର୍ତ୍ତନ ଏବଂ କ୍ଷମତାସମ୍ପର୍ଣ୍ଣ ସେ କରିଥିଲେ।

କେବଳ ପରିବର୍ତ୍ତିତ ବ୍ୟକ୍ତିମାନେ ଅନ୍ୟମାନଙ୍କୁ ପରିବର୍ତ୍ତନ ଓ କ୍ଷମତାସମ୍ପର୍ଣ୍ଣ କରିପାରନ୍ତି। ଯୋହନ ୯ ପଦରେ ଜଣେ ଜନ୍ମାନ୍ଧ ଭିକ୍ଷୁକ ଯୀଶୁଙ୍କୁ ଭେଟିଥିଲେ, ଯିଏକି ନିଷ୍କ୍ରିୟ ହୋଇ ସମ୍ପୂର୍ଣ୍ଣରୂପେ ଅନ୍ୟମାନଙ୍କ ଭିକ୍ଷା ଉପରେ ନିର୍ଭର କରୁଥିଲେ ଏବଂ ନିର୍ଯ୍ୟାତନା ସହ୍ୟ କରୁଥିଲେ। ୭ ପଦରେ , ଯେତେବେଳେ ଯୀଶୁ ତାହାକୁ କହିଲେ ଯାଅ ଶୀଲୋହ ପୋଖରୀରେ ଧୋଇ ହୁଅ ,ସେ ନିରପେକ୍ଷ ହୋଇଗଲେ କିନ୍ତୁ ଦୃଷ୍ଟି ଶକ୍ତି ସହିତ ଫେରିଲେ।ସେ ଭିକ୍ଷୁକ କେବଳ ଦୃଷ୍ଟି ଶକ୍ତି ହିଁ ପାଇ ନ ଥିଲେ ବରଂ ଅନ୍ତଃଦୃଷ୍ଟି ମଧ୍ୟ ପାଇଥିଲେ। ସେ ପରିବର୍ତ୍ତିତ ଏବଂ କ୍ଷମତାସମ୍ପର୍ଣ୍ଣ ହେଲେ। ଜଣେ ବ୍ୟକ୍ତି ଯେ ନିଜର ଜୀବନ ରାସ୍ତାକଡ଼ରେ ଅତିବାହିତ କରିଥିଲେ, ସେ ସମାଜରେ ଏକ ପରିଚୟ ପାଇଲେ ଏବଂ ସମାଜର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ସହ ବାଦନୁବାଦ କରିପାରିଥିଲେ। ଯୀଶୁ ଜଣେ ଭାବବାଦୀ ବୋଲି ସେ ଘୋଷଣା କରିଥିଲେ ଏବଂ ପରବର୍ତ୍ତୀ ସମୟରେ ପଦ ୩୮ ରେ ସେ ତାହାଙ୍କୁ ଈଶ୍ୱର ରୂପେ ଉପାସନା କଲେ। ଅସ୍ତିତ୍ୱହୀନ ବ୍ୟକ୍ତି ଅସ୍ତିତ୍ୱ ଲାଭ କଲେ। ଯେତେବେଳେ ଫାରୁଶୀମାନଙ୍କ ସମ୍ମୁଖରେ ଏହି ପରିବର୍ତ୍ତିତ କାର୍ଯ୍ୟ ହେଉଥିଲା ସେତେବେଳେ ସେମାନେ ଆତ୍ମିକରୂପେ ଅନ୍ଧ ଥିଲେ।

**ଆଲୋଚନା ନିମନ୍ତେ ପ୍ରଶ୍ନ:**

ଏହା ହୋଇପାରେ ଯେ ଆମ୍ଭମାନଙ୍କର ଚତୁଃପାର୍ଶ୍ୱରେ ଏହିପରି ପରିବର୍ତ୍ତନର କାର୍ଯ୍ୟ ଘଟୁଅଛି କିନ୍ତୁ ସେହି ଫାରୁଶୀମାନଙ୍କ ଭଳି ଆମ୍ଭେମାନେ ମଧ୍ୟ ସେହି କାର୍ଯ୍ୟର ମର୍ମ ନ ବୁଝି କାହିଁକି ଓ କିପରି ଭଳି ପ୍ରଶ୍ନଗୁଡ଼ିକରେ ଛନ୍ଦି ହୋଇ ପଡ଼ୁଛୁ?

**ପ୍ରାର୍ଥନା:**

ପରିବର୍ତ୍ତନ ଏକ ଅନୁଗ୍ରହର କାର୍ଯ୍ୟ, ପ୍ରଭୁ ଆମ୍ଭମାନଙ୍କର ଚକ୍ଷୁ ଉନ୍ମୁକ୍ତ କର ଯେପରି ଆମ୍ଭେମାନେ ଏହି ଅନୁଗ୍ରହର କାର୍ଯ୍ୟକୁ ଆମ୍ଭେମାନେ ଦେଖିପାରୁ।

## ସୁସ୍ଥତାର ସେବାକାର୍ଯ୍ୟ ନିମନ୍ତେ ଆମ୍ଭମାନଙ୍କୁ ପରିବର୍ତ୍ତିତ ହେବା ଆବଶ୍ୟକ

"'ସେଥିରେ ତାହାକୁ କହିଲେ, ବତ୍ସେ, ତୋହର ବିଶ୍ୱାସ ତୋତେ ସୁସ୍ଥ କରିଅଛି,ଶାନ୍ତିରେ ଚାଲିଯା"

ଲୂକ ୮:୪୩-୪୮

ଆମ୍ଭମାନଙ୍କର ବିଗତ ପାଞ୍ଚ ଦିନର ପ୍ରତିଫଳନ ଏହା ଦର୍ଶାଏ ଯେ:
ଏହା କେବଳ ଚିକିତ୍ସା ସମ୍ବନ୍ଧୀୟ ସମସ୍ୟାକୁ ସମାଧାନ କରିବା ଯଥେଷ୍ଟ ନୁହେଁ। ଲୋକମାନେ ସମ୍ମୁଖୀନ ହେଉଥିବା ସାମାଜିକ ବାଧାମାନଙ୍କୁ ଚିହ୍ନିବା ଏବଂ ତାହାପ୍ରତି ଅନୁରୂପ ବ୍ୟବହାର ଦେଖାଇବା ଆମ୍ଭମାନଙ୍କ ଆବଶ୍ୟକ ଅଟେ। ଯୀଶୁ ସର୍ବସମ୍ମୁଖରେ ସ୍ତ୍ରୀ ଲୋକକୁ ସୁସ୍ଥ କରି ତାହାର ରୋଗଜନିତ ସାମାଜିକ କଳଙ୍କକୁ ଦୂର କଲେ। କେବଳ ଲୋକମାନଙ୍କୁ ଶୁଣିବା ଦ୍ୱାରାହିଁ ସେମାନେ କେଉଁ ସବୁ ବାଧାର ସମ୍ମୁଖୀନ ହେଉଅଛନ୍ତି, ତାହା ଆମ୍ଭେମାନେ ଜାଣି ପାରିବା।

କ୍ଷମତା ପ୍ରଦାନ କରିବା ପରିବର୍ତ୍ତନର ଏକ ଅଂଶ ଅଟେ। ଆମ୍ଭେମାନେ ସ୍ୱାସ୍ଥ୍ୟକର୍ମୀ ହିସାବରେ ଔଷଧ ଦେବା ଏବଂ ସୁସ୍ଥ କରିବା ଠାରୁ ଆହୁରି ଅଧିକ କିଛି କରିବା ଆବଶ୍ୟକ ।ଆମ୍ଭମାନଙ୍କର ସରଳ ବ୍ୟବହାର ଦେଖାଇବା ଏବଂ ବିଭିନ୍ନ ସାଧନ ଦ୍ୱାରା ସେମାନଙ୍କୁ (ଏବଂ ପରସ୍ପରକୁ) ସମ୍ମାନ ଏବଂ ମର୍ଯ୍ୟଦାର ସହିତ ଲୋକମାନଙ୍କୁ ନିରବଚ୍ଛିନ୍ନଭାବେ କ୍ଷମତାସମ୍ପନ୍ନ କରିବା ଉଚିତ୍।ଯୀଶୁଙ୍କର ସର୍ବସମ୍ମୁଖରେ ସ୍ୱୀକାରୋକ୍ତି ଏହା ଦର୍ଶାଏ ଯେ ସ୍ତ୍ରୀ ଲୋକର ବିଶ୍ୱାସ ତାହାକୁ ତାହାର ଅତୀତ ଏବଂ ଭବିଷ୍ୟତର ସମସ୍ତ ଅପମାନଜନକ ଅବସ୍ଥାରୁ ବାହାରି ଆସିବା ନିମନ୍ତେ ଶକ୍ତିଶାଳୀ କରି ପାରିଥିବ।

ସୁସ୍ଥତାର ସେବାକାର୍ଯ୍ୟର ସ୍ୱାସ୍ଥ୍ୟକର୍ମୀ ହିସାବରେ ଏବଂ ପରିବର୍ତ୍ତନର ମାଧ୍ୟମ ହିସାବରେ, ଲୋକମାନେ ନିଶ୍ଚିତରୂପେ ଆମ୍ଭମାନଙ୍କ ନିକଟରୁ ଏହା ଦେଖିବା ଉଚିତ୍ ଯେ, ଆମ୍ଭମାନଙ୍କ କାର୍ଯ୍ୟ ଈଶ୍ୱରଙ୍କ ପ୍ରେମର ପରିପ୍ରକାଶ ସ୍ୱରୂପ ଅଟେ। ଆମ୍ଭମାନଙ୍କ ବ୍ୟାପାରୀକରଣ ବୃଦ୍ଧି ସହିତ, ଲୋକମାନେ ଚାହାଁନ୍ତି ଯେ ସେମାନଙ୍କର ଆର୍ଥିକ ସ୍ଥିତି ଅନୁସାରେ ନୁହେଁ ବରଂ ମାନବିକତା ଦୃଷ୍ଟିକୋଣରୁ ସେମାନଙ୍କର ଯତ୍ନ ନିଆଯାଉ।

ସ୍ୱାସ୍ଥ୍ୟର ଯତ୍ନ ନେବାରେ ହ୍ରାସ ପାଉଥିବା ମୂଲ୍ୟଠାରୁ ଆମ୍ଭେମାନେ ନିଜକୁ ପୃଥକୀକୃତ କରିବା ଏବଂ ମୂଲ୍ୟବୋଧ ହ୍ରାସକୁ ବନ୍ଦ କରିବା ଏବଂ ତାହାକୁ ଅନୁକୂଳ ପରିସ୍ଥିତିରେ ଆଣିବା ନିମନ୍ତେ କାର୍ଯ୍ୟ କରିବା ଆବଶ୍ୟକ।

ଜୀବନକୁ ପରିବର୍ତ୍ତନ କରିବା ନିମନ୍ତେ ଯୀଶୁଙ୍କ ଦୃଷ୍ଟାନ୍ତକୁ ଅନୁସରଣ କରିବା ଉଚିତ୍। ଆମ୍ଭମାନଙ୍କ ଚିନ୍ତା, କାର୍ଯ୍ୟ ଏବଂ ପ୍ରତ୍ୟେକ ଜଣଙ୍କ ପ୍ରତି ବ୍ୟବହାରରେ ପରିବର୍ତ୍ତନ ହେବା ଉଚିତ୍; ଏହି ପ୍ରକାରେ ଆମ୍ଭେମାନେ ଲୋକମାନଙ୍କର ଅନୁଭୂତି ଦ୍ୱାରା ବୁଝିବାକୁ, ଅନୁଧ୍ୟାନ କରିବାକୁ ଏବଂ ସାମାଜିକ ବାଧା ଦୂର କରିବାକୁ ଚେଷ୍ଟା କରିବା।

**ଆଲୋଚନା ନିମନ୍ତେ ପ୍ରଶ୍ନ:**

୧- ଆଭ୍ୟନ୍ତରୀଣ ପରିବର୍ତ୍ତନ ଆରମ୍ଭ କରିବା ନିମନ୍ତେ ମୁଁ କେଉଁ ସବୁ ପଦକ୍ଷେପ ନେଇପାରେ?
୨- ଏହି ପରିବର୍ତ୍ତନର ଚିହ୍ନ ସ୍ୱରୂପେ, କେଉଁ ବିଷୟ ମୁଁ ପ୍ରଥମେ ଭିନ୍ନ ରୂପେ କରିବି?

**ପ୍ରାର୍ଥନା:**

ପ୍ରିୟ ପ୍ରଭୁ, ତୁମ୍ଭର ଆହ୍ୱାନ ଆମ୍ଭମାନଙ୍କୁ ପ୍ରେରଣା ଦିଏ! ଆମ୍ଭମାନେ କେଉଁଠାରେ ଦୁର୍ବଳ ରହିଅଛୁ ତାହାପ୍ରତି ସଚେତନ ହେବୁ ଯେପରିକି ଆମ୍ଭେମାନେ ପରିବର୍ତ୍ତିତ ହେବା ନିମନ୍ତେ ଚେଷ୍ଟା କରିବୁ।ଯେତେବେଳେ ଆମ୍ଭେମାନେ ପୃଥକ ହେବା ନିମନ୍ତେ ଆହୂତ ଏବଂ ଆମ୍ଭମାନଙ୍କ ଚତୁଃର୍ଦ୍ଦିଗରେ ରହିଥିବା ସମାଜର ବାସ୍ତବତା ନିମନ୍ତେ ଆମ୍ଭେମାନେ ଯତ୍ନଶୀଳ ହେବା ନିମନ୍ତେ ଦ୍ୱିଧାଗ୍ରସ୍ତ ନ ହେଉ ସେଥିନିମନ୍ତେ ଆମ୍ଭମାନଙ୍କୁ ସାହାଯ୍ୟ କର। ଆମେନ୍।

Origami is the Japanese art of folding paper into decorative shapes and figures. The image on this year's Healing Ministry poster depicts how dull, ordinary, paper could be transformed into objects of beauty and grace. You too can learn the art of origami. Read on.




Learn more from:
http://www.origami-instructions.com/origami-animals-instructions.html
http://www.fishgoth.com/origami/anidiag.html
http://www.origami-fun.com/origami-animals.html